## ସଂକ୍ଷେପରେ

### ନିଖୋଜ ନାବାଳିକା ଆନ୍ଧ୍ରପ୍ରଦେଶରୁ ଉଦ୍ଧାର

ଗୁଡ଼ାରି,୨୬।୮ (ପ୍ରମୋଦ କୁମାର ପତି)

ଗୁଡାରି ସହରରୁ ନିଖୋଜ ହୋଇଥିବା ଜଣେ ନାବାଳିକାଙ୍କୁ ପ୍ରାୟ ୨୫ ଦିନ ପରେ ଗୁଡାରି ପୋଲିସ ଶନିବାର ଆନ୍ଧ୍ରପ୍ରଦେଶ ମାଲକାପୁରମରୁ ଉଦ୍ଧାର କରିଛି। ରବିବାର ତାଙ୍କୁ ରାୟଗଡା କୋର୍ଟରେ ହାଜର କରାଯିବ ଏବଂ ପରେ ସିଡବ୍ଲୁସିକୁ ହସ୍ତାନ୍ତର କରାଯିବ ବୋଲି ସୂଚନା ମିଳିଛି। ପୋଲିସ ସୂଚନା ଅନୁଯାୟୀ, ଗୁଡ଼ାରି ସହରର ଜଣେ ବ୍ୟକ୍ତି ତାଙ୍କ ଝିଅ ନିଖୋଜ ହୋଇଥିବା ନେଇ ଗତ ମାସ ୩୧ ତାରିଖରେ ଗୁଡ଼ାରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ସଂକ୍ରାନ୍ତରେ ଗୁଡ଼ାରି ଥାନାରେ ୫୪/୨୩ରେ ଏକ ମାମଲା ରୁଜୁ ହୋଇଥିଲା। ପରେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର ପାଇଁ ପୋଲିସ ଓଡ଼ିଶା ସମେତ ରାଜ୍ୟ ବାହାରେ ଡେରା ପକେଇଥିଲା। ନୂତନ ଭାବେ ଗୁଡ଼ାରି ଥାନାରେ ଯୋଗ ଦେଇଥିବା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ନାବାଳିକାଙ୍କ ଫୋନ୍ ନମ୍ବର ଟ୍ରାକିଂ କରିବାରେ ସେ ଆନ୍ଧ୍ରପ୍ରଦେଶରେ ଥିବା ଜଣାପଡ଼ିଥିଲା। ଗତ ଗୁରୁବାର ରାୟଗଡା ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଗୁଣୁପୁରଏସଡିପିଓ ବାବୁଲି ନାୟକଙ୍କ ତତ୍ୱାବଧାନରେ ଶୁକ୍ରବାର ଗୁଡ଼ାରିଥାନା ଅଧିକାରୀଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ଟିମ ଆନ୍ଧ୍ରପ୍ରଦେଶର ମାଲକାପୁରମ, ବିଶାଖାପାଟଣା ଯାଇ ଆନ୍ଧ୍ର ପୋଲିସ ସହାୟତାରେ ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରି ଗୁଡ଼ାରି ଥାନାକୁ ଆଣିଥିଲେ। ଏହି କେଶରେ ତଦନ୍ତକାରୀ ଅଫିସର ଭାବେ ସବଇନସ୍ପେକ୍ଟର ସୋମନାଥ ଦଲବେହେରା ଦାୟିତ୍ୱ ତୁଲାଇଥିଲେ।

### ୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ: ୪ ଗିରଫ



ମୁନିଗୁଡ଼ା, ୨୬।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ପୋଲି ପାଟ୍ରୋଲିଂ କରୁଥିବାବେଳେ ସ୍ଥାନୀୟ ରେଲୱେ ଅଟୋ ଷ୍ଟାଣ୍ଡ ନିକଟରୁ ୪ ଜଣ ଗଞ୍ଜେଇଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ପୋଲିସ ୫୫ କେଜି ୪୪୦ଗ୍ରାମ ଗଞ୍ଜେଇ, ୩ଟା ମୋବାଇଲ ଓ ୨୦୨୦ଟଙ୍କା ଜବତ କରିଛି। ଜବତ ଗଞ୍ଜେଇର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ଅନୁମାନ କରୁଛି। ଗିରଫ ଅଭିଯୁକ୍ତମାନେ ହେଲେ ଥେରୁବାଲିର ପ୍ରିତମ ମହାନନ୍ଦିଆ(୨୪), ବୈକୁଣ୍ଠ ସୁନା(୨୮), ଅଡ଼ବାର ପ୍ରଶାନ୍ତ ବଡମାଝି (୨୦), ଚନ୍ଦ୍ରପୁରର ଅରୁଣ ମୁଦ୍ରିକା(୨୧)। ମୁନିଗୁଡ଼ା ଥାନା ଏସଆଇ ଚକ୍ରଧର ବେହେରା ପୋଲିସ ଫୋର୍ସ ଧନପତି କୁମ୍ଭରିକା, ବଳରାମ ବାଳିକା, ସନ୍ତୋଷ ଶବର ପାଟ୍ରୋଲିଂ କରୁଥିବା ସମୟରେ ରେଲୱେ ଅଟୋଷ୍ଟାଣ୍ଡ ନିକଟରେ ୪ଜଣ ସନ୍ଦିଗ୍ଧ ଯୁବକ ୬ଟା ବ୍ୟାଗ ଧରି ଏପଟସେପଟ ହେଉଥିବା ଦେଖି ସେମାନଙ୍କ ସନ୍ଦେହ ହୋଇଥିଲା। ଫଳରେ ପୋଲିସ ସେମାନଙ୍କ ବ୍ୟାଗ ଯାଞ୍ଚ କରିବା ପରେ ସେଥିରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପୋଲିସ ସେମାନଙ୍କୁ ଥାନାକୁ ଆଣି ପଚରାଉଚୁରା କରିବା ସମୟରେ ସେମାନେ ଏହି ଗଞ୍ଜେଇ ଚନ୍ଦ୍ରପୁର ଅଞ୍ଚଳରୁ ଆଣି ଟ୍ରେନ ଯୋଗେ ରାୟପୁର ଯିବାକୁ ଅପେକ୍ଷା କରିଥିଲେ ବୋଲି ସ୍ୱୀକାର କରିଥିବା ଆଇଆଇସି ସୌଦାମିନୀ ବେହେରା ସୂଚନା ଦେଇଛନ୍ତି।

# ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ନେଇ ପ୍ରଶ୍ନବାଚୀ

ପଦ୍ମପୁର,୨୬।୮ (ପ୍ରଶାନ୍ତ କୁମାର କର)



ବସ୍‌ଷ୍ଟାଣ୍ଡ ପାଇଁ ଜୁକବନ୍ଧ ନିକଟରେ ଚିହ୍ନଟ ଜମି ।

ରାୟଗଡ଼ା ଜିଲାରେ ୪ଟି ବସ୍‌ଷ୍ଟାଣ୍ଡ କାଶୀପୁର, ଗୁଣପୁର, ବିଷମକଟକ, ରାମନାଗୁଡ଼ାକୁ ଅତ୍ୟାଧୁନିକୀକରଣ କରିବା ନିମନ୍ତେ ଗତ ୨୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶିଳାନ୍ୟାସ କରିଥିଲେ। ତେବେ ପଦ୍ମପୁରରେ କେବେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପଦ୍ମପୁରରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ଲକ ଅନ୍ତର୍ଗତ ଜୁକବନ୍ଧ ଇଲେକ୍ଟ୍ରି ଅଫିସ ନିକଟରେ ଥିବା ଲାଉଗୁଡା ମୌଜାରେ ଜମି ଚିହ୍ନଟ ସରିଛି। ଉକ୍ତ ଜମି ରାଜ୍ୟ ପରିବହନ ବିଭାଗ ନାଁରେ ଲିଜ୍ ପାଇଁ ଚୁକ୍ତି କରାଯାଇ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଛି। କିନ୍ତୁ ଜିଲାରେ ୪ଟି ବ୍ଲକ୍‌ରେ ବସ୍‌ଷ୍ଟାଣ୍ଡ ନିର୍ମାଣ ନିର୍ଦ୍ଦେଶ ଆସିଥିବାବେଳେ ପଦ୍ମପୁର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ କେବେ ଅନୁମତି ମିଳିବ ସେ ନେଇ ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ପଦ୍ମପୁର ସହରର ଆୟତନ, ଜନସଂଖ୍ୟା ଓ ଯାନବାହନ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଜିଲାର ପଦ୍ମପୁର ସହର ଏକ ପ୍ରମୁଖ ବ୍ୟବସାୟ ପେଣ୍ଠସ୍ଥଳୀ ହୋଇଥିବାରୁ ପ୍ରତିଦିନ ଏଠାରେ ଜନଗହଳି ଲାଗି ରହିଛି। ପ୍ରତିଦିନ ଏହି ରାସ୍ତାରେ କଟକ, ଭୁବନେଶ୍ୱର, ବ୍ରହ୍ମପୁର, ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ପ୍ରଭୃତି ଅଞ୍ଚଳକୁ ବସ୍ ଓ ଅନ୍ୟ ଯାନବାହନ ଯାତାୟାତ କରିବା ସହ ହୋଲ୍‌ସେଲ ଓ ଖୁଚୁରା ବ୍ୟବସାୟୀମାନେ ଏଠାକୁ ଆସିଥାନ୍ତି। ଏଭଳି ପରିସ୍ଥିତିରେ ସହର ଭିତରକୁ ଭାରିଯାନ ଆସୁଥିବାରୁ ଟ୍ରାଫିକ ଜାମ ହେଉଛି। ଅନ୍ୟପକ୍ଷେ ବସ୍‌ଷ୍ଟାଣ୍ଡ ନ ଥିବାରୁ ବସ୍‌ଗୁଡ଼ିକ ମନଇଚ୍ଛା ରାସ୍ତାକଡ଼ରେ ପାର୍କିଂ କରୁଛନ୍ତି। ଏହାବ୍ୟତୀତ ବସ୍‌ଷ୍ଟାଣ୍ଡ ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ପରେ ଗତ ଫେବୃୟାରୀରେ ଜିଲା ପରିବହନ ଅଧିକାରୀ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ଓ ଅଞ୍ଚଳର ବୁଦ୍ଧିଜୀବୀମାନେ ଜାଗା ଚିହ୍ନଟ କରିଥିଲେ। ଜୁକବନ୍ଧ ଇଲେକ୍ଟ୍ରି ଅଫିସ ନିକଟରେ ଥିବା ଲାଉଗୁଡ଼ା ମୌଜାର ଖାତା ନମ୍ବର ଓ ପଟ୍ଟା ନମ୍ବର ୪୭/୨-୧୦୪୩ରେ ୨ ଏକର ୩୦ସେଣ୍ଟ ଜମି ଚିହ୍ନଟ କରି ରାଜ୍ୟ ପରିବହନ ବିଭାଗ ନାଁରେ ଲିଜ୍ କରାଯାଇ ପଟ୍ଟା ପ୍ରଦାନ କରାଯାଇଛି। ଜମି ଚିହ୍ନଟ ହେବାର ୬ ମାସ ବିତିଯାଇଥିଲେ ମଧ୍ୟ ପଦ୍ମପୁର ବସ୍‌ଷ୍ଟାଣ୍ଡ କେବେ ନିର୍ମାଣ କରାଯିବ ତାକୁ ନେଇ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଏହାକୁ ନେଇ ପଦ୍ମପୁର ତହସିଲଦାର ଗୀତାଞ୍ଜଳି ବେହେରାଙ୍କୁ ପଚାରିବାରୁ ରାୟଗଡ଼ା ଜିଲାରେ ପ୍ରଥମ ପର୍ଯ୍ୟାୟରେ ୪ଟି ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ହୋଇଥିବାବେଳେ ୨ୟ ପର୍ଯ୍ୟାୟରେ ନିର୍ଦ୍ଦେଶ ଆସିପାରେ ବୋଲି କହିଛନ୍ତି। ପଦ୍ମପୁର ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତ କାଗଜପତ୍ର ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଥିଲେ। ଏ ସମ୍ପର୍କରେ ରାୟଗଡ଼ା ଜିଲା ପରିବହନ ଅଧିକାରୀ ଶିବଶଙ୍କର ଚୌଧୁରୀଙ୍କୁ ପଚାରିବାରୁ ରାଜ୍ୟ ପରିବହନ ବିଭାଗକୁ ସମସ୍ତ ଫାଇଲ ପଠାଯାଇଛି, ହେଲେ ସେଠାରୁ କିଛି ନିର୍ଦ୍ଦେଶ ଆସିନାହିଁ। ମାତ୍ର ପର୍ଯ୍ୟାୟକ୍ରମେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ କରାଯାଉଥିବାରୁ ଖୁବ୍‌ଶୀଘ୍ର ପଦ୍ମପୁରରେ ନିର୍ମାଣ କରାଯିବ ବୋଲି ସେ କହିଛନ୍ତି। ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ କହିଛନ୍ତି, ମାସେ କିମ୍ବା ଦେଢ଼ମାସ ଭିତରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ତେବେ କେବେ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଯିବ ତାକୁ ନେଇ ପଦ୍ମପୁର ବାସିନ୍ଦା ଚାହିଁ ରହିଛନ୍ତି ।

**ପରିବହନ ବିଭାଗ ନାଁରେ ହୋଇସାରିଛି ଜମିପଟ୍ଟା**

# ନାରୀଶକ୍ତି ସମ୍ମାନରେ ଡାକ୍ତର, କ୍ୱାଲିଟି ଅଧିକାରୀ ସମ୍ବର୍ଦ୍ଧିତ

**ଜେକେ ଗ୍ରୁପ୍‌ର ମାନବ ସମ୍ବଳ ପ୍ରବନ୍ଧ ସମ୍ମିଳନୀ**

ଜେକେପୁର, ୨୬।୮ (ନିଧି ଗଣ୍ଡେଟା)



ନାରୀଶକ୍ତି ସମ୍ମାନରେ ସମ୍ମାନିତ ତେଜସ୍ୱିନୀ ଓ କମ୍ପାନୀ କନିଷ୍ଠ ଅଫିସର।

ଜେକେ ଗ୍ରୁପ୍ ପକ୍ଷରୁ ଚେନ୍ନାଇଠାରେ ଆୟୋଜିତ ମାନବ ସମ୍ବଳ ପ୍ରବନ୍ଧ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜେକେ ପେପର ମିଲର ମେଡିକାଲ ସେଣ୍ଟର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା.ପଦ୍ମା ଯଶବନ୍ତ କାଟାଲିଷ୍ଟ ଫର୍ ଚେଞ୍ଜ୍ ଓ କନିଷ୍ଠ କ୍ୱାଲିଟି ଅଫିସର ତଥା ସ୍ୱାବଲମ୍ବୀ ଉଦ୍ୟୋଗୀ ତେଜସ୍ୱିନୀ ପେଦେଣ୍ଟି ଡିଇଆଇଏଲ୍ ସମ୍ମାନରେ ସମ୍ମାନିତ ହୋଇଛନ୍ତି । ଏଥିସହିତ ଉଭୟଙ୍କୁ ନାରୀ ଶକ୍ତି ସମ୍ମାନରେ ସମ୍ମାନିତ କରାଯାଇଛି । ତେଜସ୍ୱିନୀ ବାଉଁଶ ଅଳଙ୍କାର ତିଆରି କରି ନିଜେ ସ୍ୱାବଲମ୍ବୀ ହୋବ ସହିତ ଅନ୍ୟ ମହିଳାଙ୍କୁ ମଧ୍ୟ ରୋଜଗାରକ୍ଷମ କରିପାରିଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି । ଏହି ଖବର ମିଳିବା ପରେ ଜେକେ ପେପର ମିଲ୍ କମ୍ପାନୀ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଖୁସିର ଲହରି ଖେଳିଯିବା ସହିତ ସମସ୍ତେ ଦୁହିଁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏଥିସହିତ ସମ୍ମାନିତ ହୋଇଥିବା ଡା. ପଦ୍ମା ଓ ତେଜସ୍ୱିନୀ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀ ଓ ସିଏସ୍‌ଆର୍ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି ।

# ୨୮ରୁ ଡିଇଓ ଅଫିସ୍ ଆଗରେ ସାମୂହିକ ଧାରଣା

**ପଦୋନ୍ନତି ପାଇଁ ଆଶାୟୀ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ**

ଗୁଣପୁର, ୨୬।୮ (ପ୍ରଦୀପ କୁମାର ପାଢ଼ୀ)




ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଲେବଲ ୩କୁ ପଦୋନ୍ନତି ପାଇଁ ଆଶାୟୀ ଶିକ୍ଷକ ସଂଘ ପକ୍ଷରୁ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ସଂଘର ସଭାପତି ପ୍ରକାଶ ରଥ, ସଞ୍ଜୟ ଦାସ, ତ୍ରିପତି ଗୌଡ଼, ପଦ୍ମନ କୁମାର କୁଣ୍ଡ, ଶ୍ରୀନିବାସ ଚୌଧୁରୀ, ଅଶୋକ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶନିବାର ଗୁଣପୁର ଏବିଇଓ ଲକ୍ଷ୍ମୀ ବେହେରାଙ୍କୁ ଭେଟି ଜିଲା ଶିକ୍ଷା ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୨୭ ତାରିଖ ସୁଦ୍ଧା ପ୍ରମୋସନ କାଉନସିଲ ଚିଠି ପ୍ରକାଶ ନ ପାଇଲେ ୨୮ଠାରୁ ଡିଇଓ ଅଫିସ ସମ୍ମୁଖରେ ସାମୂହିକ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି।

ଶିକ୍ଷକ ସଂଘର ଅଭିଯୋଗ ଅନୁଯାୟୀ, ଲେବେଲ ୩ ପ୍ରମୋସନ ତା ୩୧/୫/୨୩ ସୁଦ୍ଧା ସମାପନ କରିବା ପାଇଁ ଶିକ୍ଷା ବିଭାଗ ନିର୍ଦ୍ଦେଶକ ଚିଠି କରିଥିଲେ। ବହୁ ଅନୁରୋଧ ପରେ ପ୍ରମୋସନ ତାଲିକା ଅନୁମୋଦନ ପାଇଁ ପଠାଗଲା। ଏଥିରେ କିଛି ତ୍ରୁଟି ଥିବାରୁ, ଭୁଲ ଦର୍ଶାଇ ନିର୍ଦ୍ଦେଶକ ଏହାକୁ ନାକଚ କରିବା ସହ, ଠିକ ରୂପେ ଡିଏଲପିସି କରି ଅନୁମୋଦନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ଅନେକ କେସ ଫାଇଲ ହେଲା ଓ ଶୁଦ୍ଧିପତ୍ର ବାହାରିଲା, ହେଲେ ତାକୁ ଆଧାର କରି ଡିଇଓ ପୁଣି ଥରେ ଅନୁମୋଦନ ପାଇଁ ଦେଲେ ନାହିଁ। ଶେଷରେ ଶିକ୍ଷକମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ପ୍ରମୋସନ ଅନୁମୋଦନ ପାଇଁ ଚିଠି କରିଥିଲେ ମଧ୍ୟ ମାମଲା ଦର୍ଶାଇ ଏହି ଡିଏଲପିସିକୁ ରଦ୍ଦ କରିଦେଲେ। ଅନେକ ଜିଲା ଏହା ଅନୁମୋଦନ ନେଇଗଲେ, ଅନେକ ଜିଲା ଡିଏଲପିସି ଦାଖଲ କରିଥିଲେ ମଧ୍ୟ ଆମ ଅଫିସ ଶୁଣିଲେ ନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଶେଷରେ ଶିକ୍ଷକମାନଙ୍କ ମିଳିତ ଅଭିଯୋଗକ୍ରମେ ଗତ ୧୮/୭/୨୦୨୩ ରେ ଅନୁମୋଦନ ପାଇଁ ପଠାଗଲା । ଡିଇଓ ଚାହିଁଥିଲେ ୨ ଦିନ ଭିତରେ ଅନୁମୋଦନ ଆଣି ପ୍ରମୋସନ ଦେଇ ପାରିଥାନ୍ତେ। ହେଲେ ଅଧିକାରୀ ଅନାଗ୍ରହ ଯୋଗୁ ଏହା ସୁପ୍ତ ହୋଇଗଲା। ପୁଣି ଥରେ ଶିକ୍ଷକମାନଙ୍କ ନିଜସ୍ୱ ଉଦ୍ୟମରେ ୩୨/୭/୨୦୨୩ରେ ରାୟଗଡା ଜିଲାର ପ୍ରମୋସନ ଅନୁମୋଦନ ହେଲା । କିନ୍ତୁ ପରିତାପର ବିଷୟ ଡିଇଓ ପୁଣି ନିର୍ଦ୍ଦେଶକଙ୍କୁ ହୋଇଥିବା କୋର୍ଟ ଆଦେଶ ଦେଖାଇ କୋର୍ଟର ସ୍ପଷ୍ଟୀକରଣ ନ ଆସିବା ପର୍ଯ୍ୟନ୍ତ ଏହାର କାଉନସିଲିଂ ହୋଇପାରିବ ନାହିଁ ବୋଲି କହିଥିଲେ। ଇତିମଧ୍ୟରେ ଏହି ଅନୁମୋଦନକୁ ମାସେ ପୂରିବାକୁ ବସିଲାଣି, ହେଲେ ବର୍ତ୍ତମାନ ସୁଦ୍ଧା ଆମର ଦାବି ପୂର୍ଣ୍ଣ ହେଉ ନ ଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ବହୁ ଆଶାୟୀ ପ୍ରାର୍ଥୀ ଏହି ୩ ମାସରେ ଅବସର ନେଇଗଲେଣି, ଜଣେ ମୃତ୍ୟୁବରଣ ମଧ୍ୟ କରି ସାରିଲେଣି । ତଥାପି ଡିଇଓଙ୍କ ନିଘା ନାହିଁ। ଆମର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ। ଏଥିରେ କାହାର ଜୀବନ ପ୍ରତି ବିପଦ ହେଲେ ସମ୍ପୃକ୍ତ ଅଧିକାରୀ ଦାୟୀ ରହିବେ ବୋଲି ସଂଘ ସଭାପତି ରଥ କହିଛନ୍ତି ।

# ୩ ଫାର୍ମ ହାଉସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି

ଗୁଣପୁର,୨୬।୮ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସହର ବାହାରେ ଥିବା ୩ଟି ଫାର୍ମ ହାଉସରୁ ଗତ ୩ ଦିନ ମଧ୍ୟରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଦୁର୍ବୃତ୍ତମାନେ ଗତ ୨୩ ତାରିଖ ରାତିରେ ସ୍ଥାନୀୟ ଲିମାମେଡାରେ ଥିବା ବିଜୟନନ୍ଦ ରଥଙ୍କ ଫାର୍ମହାଉସ କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଆସବାବପତ୍ର ଚୋରି କରିନେଇଥିଲେ। ସେହିପରି ୨୪ ତାରିଖରେ ଗାଦିଆଖଳା ନିକଟରେ ଥିବା ଶ୍ରୀଧର ଚୌଧୁରୀଙ୍କ ଫାର୍ମହାଉସରୁ ଚୋରି ହୋଇଥିଲା। ଶୁକ୍ରବାର ରାତିରେ ପଣସଗୁଡାସ୍ଥିତ ସ୍ୱାଭିମାନ ଛକରେ ଥିବା ରଜତ ପାଢିଙ୍କ ଫାର୍ମହାଉସରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଜୟନନ୍ଦଙ୍କ ଫାର୍ମହାଉସରୁ ଘାସକଟା ମେଶିନ, ଗ୍ୟାସ ସିଲିଣ୍ଡର, ନଗଦ ୭ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଥିଲେ। ଏସବୁର ଆନୁମାନିକ ମୂଲ୍ୟ ୧ ଲକ୍ଷ ପାଖାପାଖି ହେବ ବୋଲି ଜଣାପଡିଛି। ଏ ସମ୍ପର୍କରେ ବିଜୟାନନ୍ଦ ଥାନାରେ ଏତଲା ଦେବା ସହ ଚୋରି ବେଳର ଭିଡିଓ ଫୁଟେଜ ମଧ୍ୟ ଦେଇଛନ୍ତି। ସେହିପରି ଗାଦିଆଖଳା ନିକଟସ୍ଥ ଶ୍ରୀଧରଙ୍କର ଫାର୍ମ ହାଉସର ଗୋଦାମ ଘର ଭାଙ୍ଗି ୬ଟି ମୋଟର ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ରଜତଙ୍କ ଫାର୍ମହାଉସରୁ ଗୋଟିଏ ଖୁସାଗାଡ଼ି, ଗୋଟିଏ ଔଷଧ ସ୍ପ୍ରେ ମେଶିନ, ସାର କିଣିବାପାଇଁ ରଖାଯାଇଥିବା ନଗଦ ୧୨, ୫୦୦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ଏହି ଘଟଣା ସମ୍ପର୍କରେ ମଧ୍ୟ ଶନିବାର ଥାନାରେ ଅଭିଯୋଗ ହୋଇଛି। ଲଗାତର ଭାବେ ୩ଟି ଫାର୍ମହାଉସର କବାଟ ଭାଙ୍ଗି ଜିନିଷଗୁଡିକ ଚୋରି କରାଯାଇଥିବା ଦେଖିବାକୁ ମିଳିଛି ।

# ୧୫ ଦିନ ଭିତରେ ଦୋକାନ ଖାଲି କରିବାକୁ ନିର୍ଦ୍ଦେଶ

ମୁନିଗୁଡ଼ା, ୨୬।୮ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ାରେ ରେଲ ବିଭାଗ ଜମିରେ ଥିବା ଦୋକାନ ଏବଂ ଘର ଆସନ୍ତା ୧୫ ଦିନ ଭିତରେ ଖାଲି କରିବାକୁ ରେଳ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ବିରୋଧ କରି ସମସ୍ତ ବ୍ୟବସାୟୀ ଶନିବାର ଦୋକାନ ବନ୍ଦ କରିବା ସହ ମୁନିଗୁଡ଼ା ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଏହି ବିଷୟରେ ପୁନଃ ବିଚାର କରିବା ପାଇଁ ଏକ ଦାବିପତ୍ର ଦେବାକୁ ଯାଇଥିଲେ। ହେଲେ ଶନିବାର ଛୁଟିଥିବାରୁ ବ୍ୟବସାୟୀମାନେ ଉକ୍ତ ଅଧିକାରୀଙ୍କୁ ଭେଟି ନ ପାରି ଫେରି ଆସିଥିଲେ। ଦୋକାନ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରଶାସନ ପକ୍ଷରୁ ଜମି ଯୋଗାଇ ଦେବାକୁ ଦାବି ହୋଇଛି।

# ଡାଙ୍ଗସୋରଡ଼ାରେ ୬ ପୋଖରୀ ପୁନରୁଦ୍ଧାର କରାଯିବ



ପୋଖରୀ ଉଦ୍‌ଘାଟନ ଅବସରରେ ରୋଟାରି କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ନର ଜୟଶ୍ରୀ ମହାନ୍ତିଙ୍କ ସମେତ ଅନ୍ୟମାନେ ।

ରାୟଗଡ଼ା/ଚନ୍ଦ୍ରପୁର, ୨୬।୮ (ଭାଗ୍ୟଶ୍ରୀ ମିଶ୍ର/ ବିଜୟ ପ୍ରସାଦ ଉଲାକା)

**ପ୍ରଥମ ପର୍ଯ୍ୟାୟରେ ୨ ପୋଖରୀ ଉଦ୍‌ଘାଟିତ**

ରାୟଗଡ଼ା ରୋଟାରି କ୍ଲବ ପକ୍ଷରୁ ଜିଲାର ଉପାନ୍ତ ଅଞ୍ଚଳ ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ାରେ ୬ଟି ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ହାତକୁ ନିଆଯାଇଛି । ଏ ନେଇ ରୋଟାରି କ୍ଲବ୍ ଡିଷ୍ଟ୍ରିକ୍ଟ ଗଭର୍ନର ଜୟଶ୍ରୀ ମହାନ୍ତି ଶୁକ୍ରବାର ସନ୍ଧ୍ୟାରେ ରାୟଗଡ଼ାସ୍ଥିତ ସାଇ ଇଣ୍ଟରନ୍ୟାଶନାଲ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରଭାତ ଏନ୍‌ଜିଓ ସଂସ୍ଥା ସହଯୋଗରେ ପ୍ରଥମ ପର୍ଯ୍ୟାୟରେ ଡାଙ୍ଗସୋରଡ଼ାରେ ଦୁଇଟି ପୋଖରୀ ପୁନରୁଦ୍ଧାର କରାଯାଇଛି। ଡାଙ୍ଗସୋରଡ଼ା ଠାରେ ଆୟୋଜିତ ଏହି ପୋଖରୀର ଶୁଭ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରୋଟାରି କ୍ଲବ ଡିଷ୍ଟ୍ରିକ୍ଟ ଗଭର୍ନର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫିସେରି ଅଫିସର ପ୍ରଗତି ପ୍ରଧାନ, ରୋଟାରି କ୍ଲବ ସଭାପତି ଅରବିନ୍ଦ ସାହୁ, ଡିପିଏସ୍‌ସି ପିପି ତନ୍ମୟ ମହାନ୍ତି, ଡିପିଜି ଦେବାଶିଷ ମିଶ୍ର ଓ ସ୍ଥାନୀୟ ଜିଲା ପରିଷଦଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ । ଆଗାମୀ ଦିନରେ ଏହି ପୋଖରୀଗୁଡ଼ିକର ରକ୍ଷଣାବେକ୍ଷଣ ସହିତ ଜିଲାର ପଛୁଆ ଅଞ୍ଚଳ ଭାବେ ଅବହେଳିତ ଗ୍ରାମଗୁଡ଼ିକରେ ପାନୀୟ ଜଳ ଓ ଚାଷ ପାଇଁ ପୋଖରୀଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଚାଲୁ ରହିବ ବୋଲି ରୋଟାରି କ୍ଲବ ସଭାପତି ଅରବିନ୍ଦ ସାହୁ ସୂଚନା ଦେଇଛନ୍ତି।

# ଗାଡ଼ି ଯାଞ୍ଚ ସମୟରେ ୩ ଗଞ୍ଜେଇ ଚାଲାଣକାରୀ ଗିରଫ

ଅମ୍ବାଦଳା,୨୬।୮ (ରବୀନ୍ଦ୍ର କୁମାର ପଣ୍ଡା)



ଅମ୍ବାଦଳା ଥାନା ଅନ୍ତର୍ଗତ କଟରୁପାଲି ଛକ ନିକଟରେ ଶୁକ୍ରବାର ପୋଲିସ ଗାଡି ଯାଞ୍ଚ ସମୟରେ ୩ ଜଣ ଗଞ୍ଜେଇ ଚୋରାଚାଲାଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ନିକଟରୁ ପୋଲିସ ୪ଟି ବ୍ୟାଗରେ ଭର୍ତ୍ତି ହୋଇଥିବା ୨୩କେଜି ୯୨୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିସହ ୩ଟି ମୋବାଇଲ, ଗୋଟିଏ ବାଇକ ଓ ୮୦୦ ଟଙ୍କା ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁନିଗୁଡ଼ାର ପ୍ରଶାନ୍ତ ଦିବାକା, ସୁରେନ୍ଦ୍ର ବ୍ରେଡେକା ଓ କନ୍ଧମାଳ ଜିଲା ବରଖାମ ଥାନା ଜର୍ଗୀ ଗ୍ରାମର ସିରେଲ ଦିଗାଲ। କନ୍ଧମାଳ ଅଞ୍ଚଳରୁ ଏକ ବାଇକ ଯୋଗେ ୩ ଯୁବକ ଗଞ୍ଜେଇ ଆଣି କଳାହାଣ୍ଡି ଜିଲା ଦେପୁରକୁ ଯାଉଥିବା ପୋଲିସ ବିଶେଷ ସୂତ୍ରରୁ ଖବରପାଇଥିଲା। ଅମ୍ବାଦଳା ଆଇଆଇସି କାର୍ତ୍ତିକ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ରାମ ସଙ୍କର ବାଘ,ଏଏସଆଇ ଉମାକାନ୍ତ ଶବର, ଅନୀଲ ବୈଧାର ଓ ପ୍ରଶାନ୍ତ ପାଢ଼ୀ କଟରୁପାଲି ଛକରେ ଜଗି ରହିଥିଲେ। ପୋଲିସକୁ ଦେଖି ଅଭିଯୁକ୍ତ ଖସି ପଳାଉଥିବାବେଳେ ପୋଲିସ ସେମାନଙ୍କୁ ପିଛା କରି କାବୁ କରିଥିଲା। ଗଞ୍ଜେଇ ଚାଲାଣକୁ ନେଇ ଅମ୍ବାଦଳା ପୋଲିସ ପାଟ୍ରୋଲିଂ ଓ ଯାଞ୍ଚକୁ ଆହୁରି କଡାକଡି କରିବ ବୋଲି ଆଇଆଇସି ନାୟକ କହିଛନ୍ତି।

# ଆବାସ ଯୋଜନାରୁ ବଞ୍ଚିତ ବୃଦ୍ଧ ଦମ୍ପତି

ରାୟଗଡ଼ା,୨୬।୮ (ଆଶିଷ ରଞ୍ଜନ ପଣ୍ଡା)



ବୃଦ୍ଧ ଦାସ କଣ୍ଡାଗରି ଓ ତାଙ୍କ ସ୍ତ୍ରୀ ତୁଳସୀ କଣ୍ଡାଗରି।

**ରେଲୱେ ଜମି ଉଚ୍ଛେଦ ପରେ ମୁଣ୍ଡ ଗୁଞ୍ଜିବାକୁ ଘର ନାହିଁ**

ଗରିବ ଆଦିବାସୀଙ୍କ ଥଇଥାନ ପାଇଁ ସରକାର ବିଭିନ୍ନ ଉନ୍ନୟନମୂଳକ ଯୋଜନା କରୁଥିବା ବେଳେ ରାୟଗଡ଼ା ଜିଲା ସଦର ମହକୁମାରେ ଏ ପର୍ଯ୍ୟନ୍ତ ପହଞ୍ଚିପାରିନାହିଁ ଆବାସ ଓ ମୋ ଘର ଯୋଜନା। ସହରରେ ଦୀର୍ଘବର୍ଷ ହେଲା ରହିଆସୁଥିବା ବୃଦ୍ଧ ଦମ୍ପତି ଭୋଟର ପରିଚୟ ପତ୍ର, ଆଧାର କାର୍ଡ ପାଇଛନ୍ତି, ହେଲେ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇପାରିନାହାନ୍ତି। ଫଳରେ ଦୀର୍ଘ ୭୦ବର୍ଷ ଧରି ରେଳବାଇ ଜମିରେ କୁଡ଼ିଆ ଘରେ ରହି ଆସୁଥିଲେ । ହେଲେ ରେଳ ଡିଭିଜନ ନିର୍ମାଣ ପାଇଁ କର୍ତ୍ତୃପକ୍ଷ ଜବରଦଖଲ ଉଚ୍ଛେଦ କରିବା ପରେ ଏବେ ବାସହୀନ ହୋଇପଡ଼ିଛନ୍ତି ବୃଦ୍ଧ ଦମ୍ପତି । ଏହିଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସହରସ୍ଥିତ ୨୧ନଂ. ୱାର୍ଡ଼ରେ ଅବସ୍ଥିତ ଅଭିନନ୍ଦନ କମ୍ୟୁନିଟି ହଲ୍ ନିକଟସ୍ଥ ମେଡିକାଲ କଲୋନିରେ।

ମେଡିକାଲ କଲୋନିରେ ପରିବାର ସହ ବସବାସ କରୁଥିଲେ ୮୨ ବର୍ଷୀୟ ଦାସ କଣ୍ଡାଗରି ଓ ତାଙ୍କ ସ୍ତ୍ରୀ ତୁଳସୀ କଣ୍ଡାଗରି (୬୧)। ଗୁରୁବାର ରେଳ ବିଭାଗ କର୍ତ୍ତୃପକ୍ଷ ସେମାନଙ୍କ ଘର ଭାଙ୍ଗିଦେଇଥିବାରୁ ସେହି ନିକଟରେ ଏକ ସ୍ଥାନରେ ଝିଟିମାଟିରେ କାନ୍ଥ ଉଠାଇ ଉପରେ ଭଙ୍ଗା ଟିଣ ପକାଇ ରହୁଛନ୍ତି। କୋଲନରା ବ୍ଲକ ଥେରୁବାଲି ତାଙ୍କ ନିଜ ଗ୍ରାମ । ହେଲେ ଛୋଟ ବେଳୁ ଦାସ ତାଙ୍କ ବାପାଙ୍କ ସହ ଆସି ରାୟଗଡ଼ାରେ ବସବାସ କରୁଛନ୍ତି। ଯୁବ ବୟସରେ ସେ କୁଲି ବୃତ୍ତି କରି ନିଜ ପରିବାର ଭରଣପୋଷଣ କରୁଥିଲେ। ବିବାହକରି ସ୍ତ୍ରୀ ତୁଳସୀ, ୨ ପୁଅ ଓ ଗୋଟିଏ ଝିଅ ସହ ସେହି ମେଡ଼ିକାଲ କଲୋନିରେ ଝିଟିମାଟି କୁଡ଼ିଆ ନିର୍ମାଣ କରି ରହୁଥିଲେ । କୌଣସି କାରଣବଶତଃ କିଛି ବର୍ଷ ପୂର୍ବେ ବଡ଼ ପୁଅର ମୃତ୍ୟୁ ହୋଇଥିବା ବେଳେ ସାନପୁଅ କ୍ରିଷ୍ଣା କଣ୍ଡାଗରି ଏବେ ଜ୍ୱରରେ ପୀଡ଼ିତ ହୋଇ ପ୍ରାୟ ୪ ମାସ ହେଲାଣି ଚିକିତ୍ସିତ ଅବସ୍ଥାରେ ଅଛନ୍ତି। ଏ ବୟସରେ ରେଳ ବିଭାଗ କର୍ତ୍ତୃପକ୍ଷ ଜମି ଜବରଦଖଲ ଉଚ୍ଛେଦ ପୂର୍ବକ ଦାସଙ୍କ ଘର ଭାଙ୍ଗି ଦେଇଥିବାବେଳେ ଜମି ପଟ୍ଟା ନ ଥିବାରୁ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି । ହେଲେ ପରିଣତ ବୟସରେ ମୁଣ୍ଡ ଗୁଞ୍ଜିବାକୁ ଛାତ ଖଣ୍ଡିଏ କେଉଁଠୁ ଯୋଗାଡ଼ିବେ ବୋଲି ଚିନ୍ତାରେ ବୃଦ୍ଧ ଦମ୍ପତି । ସେଠାରେ ବସବାସ କରୁଥିବା ପ୍ରାୟ ୭୦ ପରିବାର କେଉଁଠାରେ ରହିବେ ସେ ନେଇ ଚିନ୍ତାରେ ପଡିଛନ୍ତି । ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ରେଳବାଇ ଜମିରେ ରହୁଥିବା ବସ୍ତିବାସିନ୍ଦାଙ୍କ ପାଇଁ ଅନ୍ୟତ୍ର ଥଇଥାନର ବ୍ୟବସ୍ଥା କରାଯାଉଛି । ଏ ନେଇ ସ୍ଥାନ ନିରୂପଣ କରି ଜାଗା ପ୍ରଦାନ କରାଯାଉଛି । ତେବେ ମେଡ଼ିକାଲ କଲୋନି ବାସିନ୍ଦାଙ୍କୁ ଏହି ସୁବିଧା ମିଳିଛି କି ନାହିଁ ସେ ବିଷୟରେ ତଦାରଖ କରିବେ ବୋଲି ୟାସିର ଅହମ୍ମଦ କହିଛନ୍ତି।




**ସଂକ୍ଷେପରେ**

## ଗଣେଶ ଚତୁର୍ଥୀ ପ୍ରସ୍ତୁତି ବୈଠକ

ଚନ୍ଦାହାଣ୍ଡି, ୨୬।୮ ( ଦିଲୀପ ଦାସ )

ଚନ୍ଦାହାଣ୍ଡି ସଦର ଝରିଆ ସାହି ଯୁବକ ସଂଗଠନ ତରଫରୁ ଆଗାମୀ ଗଣେଶ ଚତୁର୍ଥୀ ପାଳନ ପାଇଁ ଶନିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ଆକାଶ ମାଝିଙ୍କ ନେତୃତ୍ୱରେ ପରିଚାଳନା କମିଟି ଗଠନ କରାଯାଇ ଥିଲା । ପରିଚାଳନା କମିଟିରେ ବୈଦ୍ୟୁରାମ ଦଣ୍ଡସେନା, ଖମେଶ୍ୱର ମାଝି, ଶରତ କୁମାର ମାଝି, ମନୋରଞ୍ଜନ ମହାପାତ୍ର, ଦୀପକ ସାହୁ, ବିଭୂତି ସାହୁ, ମୋହନ ସାହୁ, ଲବରାମ ରଣା, ଇନ୍ଦ୍ର ନାୟକ, ମହାଦେବ ମାଝୀ, ଥବିର ସିହ୍ନା, ଭୀମ ମାଝୀ, ନୂତନ ମାଝୀ, ପବିତ୍ର ବେସନ ପ୍ରମୁଖଙ୍କୁ ସାମିଲ କରାଯାଇଛି। କମିଟି ନିର୍ଦ୍ଦେଶରେ ମନୋରଞ୍ଜନ ପାଇଁ ଆସନ୍ତା ମାସ ୨୦ରେ ହାଣ୍ଡିଭଙ୍ଗା ଖେଳ,୨୨ରେ ମ୍ୟୁଜିକ ଚେୟାର, ୨୩ରେ ଅନ୍ନଭୋଗ, ୨୪ରେ ନାଟକ (ଧନ ପାଖେ ମନ ବନ୍ଧା ପଡିଛି ), ୨୫ରେ ଭସାଣି ହେବ ବୋଲି ସୂଚନା ଦିଆଯାଇଛି। ପୂଜା ସମୟରେ ମଦ୍ୟପ ଓ ଅସାଧୁ ବ୍ୟକ୍ତିମାନେ ଯେମିତି ଗଣ୍ଡଗୋଳ ନ କରିବେ ଓ ସାହିରେ ସମସ୍ତେ ମିଳିମିଶି ରହିବେ ସେ ବିଷୟରେ ଆଲୋଚନା କରାଯାଇଥିଲା। ବୈଠକ ରେ ରୁପେଶ ଜୈନ, ବିମଲ ଜୈନ, ବିସିକେଶନ ପାଢ଼ୀ, ବବି ବିଶୋୟୀ, ମହମ୍ମଦ ଇଲ୍ଲୁ, ମହମ୍ମଦ ଇଲ୍ଲାସ, ପ୍ରଶାନ୍ତ ପାରି, କୃଷ୍ଣ ପୂଜାରୀ, ଲଛମନ ମାଝୀ, ଦିବ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଝରିଗାଁ ଦୁର୍ଗାପୂଜା ପାଇଁ ନୂତନ କମିଟି ଗଠିତ

ଝରିଗାଁ,୨୬।୮ (କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବ୍ଲକ ସଦର ମହକୁମାରେ ପାଳିତ ହେଉଥିବା ଦୁର୍ଗାପୂଜା ଚଳିତ ବର୍ଷ ୪୮ବର୍ଷରେ ପଦାର୍ପଣ କରୁଛି। ତେଣୁ ମା' ଙ୍କ ପୂଜାର୍ଚ୍ଚନା ଧୁମଧାମରେ ପାଳନ କରିବା ପାଇଁ ପୂଜା କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀ ପ୍ରିୟରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାସ ୭ ତାରିଖରେ ଭୂମିପୂଜା ଏବଂ ଶୁଭଖୁଣ୍ଟି ସ୍ଥାପନ କରିବାକୁ ସ୍ଥିର କରାଯାଇଥିବାବେଳେ ଏକ ନୂତନ କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ନରେନ୍ଦ୍ର ନାୟକ ସଭାପତି, ଯୋଗେଶ୍ୱର ପୂଜାରୀ ଉପସଭାପତି, ବୁଲୁ ଗୌଡ଼ ସମ୍ପାଦକ, ତ୍ରିନାଥ ଗୌଡ଼ ସହ-ସମ୍ପାଦକ, କେଶବ କୁଡୁମୀ କୋଷାଧ୍ୟକ୍ଷ ଏବଂ ସୁଶାନ୍ତ ରାଓ ସହ-କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଉପଦେଷ୍ଟା ଭାବେ ବରିଷ୍ଠ ପୂଜକ ପ୍ରତାପ ରଥ, ପ୍ରିୟରଞ୍ଜନ ଦାସ, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ନରସିଂହ ଦଳେଇ, ମହେନ୍ଦ୍ର ନାୟକ, ପୂର୍ଣ୍ଣ ପୂଜାରୀ, ସଦାଶିବ ପଟ୍ଟନାୟକ, ଜି.କ୍ରିଷ୍ଣା ରାଓ, ସତ୍ୟ ନାୟକ, ଭଗବାନ ଦଳପତି, ପରମା ଗୌଡ଼, ମାଧବ କଲାର, ସମ୍ବାରୁ ପ୍ରଧାନୀ, ବଳବୀର ଶର୍ମା, ରବୀନ୍ଦ୍ର ନାଥ ଦାସ, ଚୈତନ ମାଝି, ବୁଲୁ କୁଡୁମୀ, ପିଙ୍କୁ କାହାଲିଆ, ଜୟା ରାଓ ପ୍ରମୁଖ ରହିଛନ୍ତି। ଚଳିତ ବର୍ଷ ଦୁର୍ଗାପୂଜା କିଭଳି ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବ ସେନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।

**ନବରଙ୍ଗପୁର ଜିଲ୍ଲା**

# ୧୦ ପଞ୍ଚାୟତରେ ନାହିଁ ହାଇସ୍କୁଲ

ନବରଙ୍ଗପୁର,୨୬।୮(ସଦାଶିବ ପ୍ରହରାଜ)

- ୧୮୫ ହାଇସ୍କୁଲରେ ୩୧୬ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ ଖାଲି
- ୪୧ ବ୍ଲକ୍ ଗ୍ରାଣ୍ଟ ହାଇସ୍କୁଲରେ ୮୮ ଶିକ୍ଷକ ପଦବୀ ଖାଲି
- ଜିଲା ଯୋଜନାବୋର୍ଡରେ ନୂତନ ହାଇସ୍କୁଲ ଖୋଲିବାକୁ ପ୍ରସ୍ତାବ ନାହିଁ
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ଅବହେଳା

ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ୫-ଟି ମାଧ୍ୟମରେ ହାଇସ୍କୁଲଗୁଡିକର ରୂପାନ୍ତରିତ କରାଯାଇ ବ୍ୟାପକ ଅନୁଦାନ ଖର୍ଚ୍ଚ କରାଯାଉଛି । ବିଦ୍ୟାଳୟ ସାଜସଜ୍ଜା ସହ ପୁରୁଣା ବିଦ୍ୟାଳୟକୁ ନୂଆ ରୂପ ଦିଆଯାଉଛି । ହେଲେ ନବରଙ୍ଗପୁର ଜିଲାରେ ଏଯାଏ ୧୦ଟି ପଞ୍ଚାୟତରେ ଆଦୌ ହାଇସ୍କୁଲ ନ ଥିବା ଦୁର୍ଭାଗ୍ୟର ବିଷୟ ବୋଲି କୁହାଯାଇଛି।

ନବରଙ୍ଗପୁର ଏକ ଅନୁସୂଚିତ ଜାତି ଜନଜାତି ଅଧ୍ୟୁଷିତ ଅଞ୍ଚଳ ହୋଇଥିବାରୁ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବ୍ୟାପକ ଅନୁଦାନ ଯୋଗାଉଛନ୍ତି । ତେବେ ଯୋଜନାର ସଫଳ ରୂପାୟନ ହୋଇପାରୁ ନ ଥିବାରୁ ଜିଲାରେ ଶିକ୍ଷା ବିଭାଗ ଭୁସୁଡିବାରେ ଲାଗିଛି। ଜିଲାର ୧୦ଟି ବ୍ଲକରେ ୧୮୯ ପଞ୍ଚାୟତ ରହିଛି । ସେଥିମଧ୍ୟରୁ ୧୦ଟି ପଞ୍ଚାୟତରେ ଆଦୌ ହାଇସ୍କୁଲ ନାହିଁ । ଜିଲାର ଡାବୁଗାଁ ବ୍ଲକର କୈଲାରି, ନନ୍ଦପୁର ଓ ଅଞ୍ଚଳା, ଝରିଗାଁ ବ୍ଲକର ଭାଲୁ କନାଡି, ପାପଡାହାଣ୍ଡି ବ୍ଲକର ଗାଦବାକତରା, ରାଇଘର ବ୍ଲକର କଚରାପାରା -୩, କୋଷାଗୁମୁଡା ବ୍ଲକର ଫାର୍ସାଗୁଡା, ଉମରକୋଟ ବ୍ଲକର ତୋହରା, ତେରେଙ୍ଗା, ଖାଣ୍ଡା, ମୁଣ୍ଡିଗୁଡା, ସୁକିଗାଁ ଓ ହୀରାପୁର ପଞ୍ଚାୟତରେ ହାଇସ୍କୁଲ ନାହିଁ। ନବରଙ୍ଗପୁର ଜିଲାରେ ୪୧ଟି ବ୍ଲକଗ୍ରାଣ୍ଟ ରହିଥିବାବେଳେ ୧୫୮ ସରକାରୀ ହାଇସ୍କୁଲ ରହିଛି । ତେବେ ଜିଲାରେ ୧୪୨୨ ଶିକ୍ଷକ ପଦବୀ ମଧ୍ୟରୁ ୩୧୬ ଶିକ୍ଷକ ପଦବୀ ଖାଲି ପଡ଼ିଛି। ସେହିଭଳି ବ୍ଲକ ଗ୍ରାଣ୍ଟ ହାଇସ୍କୁଲରେ ୩୨୮ ଶିକ୍ଷକ ପଦବୀ ମଧ୍ୟରୁ ୮୮ ପଦବୀ ଖାଲି ପଡିଛି। ନିଯୁକ୍ତି ନ ଥିବାରୁ ଛାତ୍ରୀଛାତ୍ର ପାଠପଢ଼ାରେ ଅସୁବିଧା ହେଉଥିବା ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ନବରଙ୍ଗପୁର ଜିଲା ଯୋଜନା ବୋର୍ଡ ରହିଥିବାବେଳେ ଏହାର ଅଧ୍ୟକ୍ଷ ଭାବେ ଡାବୁଗାଁ ବିଧାୟକ ରହିଛନ୍ତି। ତେବେ ଶିକ୍ଷାର ବିକାଶ ପାଇଁ ୧୦ଟି ପଞ୍ଚାୟତରେ ହାଇସ୍କୁଲ ନ ଥିବା ଓ ଏହା କିଭଳି ସ୍ଥାପନ ହେବ ସେ ନେଇ କୌଣସି ଯୋଜନା ପ୍ରସ୍ତୁତ ହେଉ ନ ଥିବା ଅଭିଯୋଗ ହେଉଛି । ବିଭାଗୀୟ ନିର୍ଦ୍ଦେଶକ, ସଚିବମାନେ ଆସି ଶିକ୍ଷାର ଭିତ୍ତିଭୂମି ଦେଖିବା ସହ ସମୀକ୍ଷା କରି ଭିତ୍ତିଭୂମି ସଜାଡିବା ଓ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରି ଚାଲିଯାଉଛନ୍ତି। ପରବର୍ତ୍ତୀ ସମୟରେ ତାହା କେତେ କାର୍ଯ୍ୟକାରୀ ହେଲା ତାକୁ କେହି ସମୀକ୍ଷା କରୁ ନ ଥିବା ଅଭିଯୋଗ ହୋଇଛି। ଜିଲାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଅନୁସୂଚିତ ଜାତି ଜନଜାତି (ମଙ୍ଗଳ ବିଭାଗ) ବିଦ୍ୟାଳୟ, ସରକାରୀ ହାଇସ୍କୁଲ ଓ ବ୍ଲକ ଗ୍ରାଣ୍ଟ ହାଇସ୍କୁଲଗୁଡିକ ୫-ଟି ମାଧ୍ୟମରେ ରୂପାନ୍ତରିତ କରାଯାଉଛି।

ଜିଲାରେ ପ୍ରଥମ ପର୍ଯ୍ୟାୟରେ ୧୨, ଦ୍ୱିତୀୟ ପର୍ଯ୍ୟାୟରେ ୭୯, ତୃତୀୟ ପର୍ଯ୍ୟାୟରେ ୮୩ ବିଦ୍ୟାଳୟ ରୂପାନ୍ତରିତ ହୋଇଛି । ଏବେ ପୁଣି ୫୮ ହାଇସ୍କୁଲ ରୂପାନ୍ତରିତ କାର୍ଯ୍ୟ ଚାଲିଛି । ତେବେ ଏଯାଏ ଦ୍ୱିତୀୟ ପର୍ଯ୍ୟାୟରେ ହୋଇଥିବା ରୂପାନ୍ତରିତ ହାଇସ୍କୁଲର କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିଲେ ମଧ୍ୟ ସମ୍ପୂର୍ଣ୍ଣ ହୋଇଥିବା ଦର୍ଶାଇ ଉଦ୍‌ଘାଟନ ସରିଯାଇଛି । ଏଠାରେ ଶିକ୍ଷା ଓ ଭିତ୍ତିଭୂମିର ବିକାଶ କିଭଳି ହେଉଥିବା ତାହା ସହଜରେ ଅନୁମେୟ।

### ସେମାନେ ଯାହା କୁହନ୍ତି



"ଜିଲାରେ ୧୦ଟି ପଞ୍ଚାୟତରେ ହାଇସ୍କୁଲ ନ ଥିବା ନେଇ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯିବ । ପ୍ରତି ପଞ୍ଚାୟତରେ ହାଇସ୍କୁଲ ଖୋଲିବା ନେଇ ଯେଉଁ ନିୟମ ରହିଛି ତାକୁ ଦୃଷ୍ଟିରେ ରଖାଯିବ।

**-ମନୋହର ରନ୍ଧାରୀ, ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ**



"୫-ଟି ନାଁରେ ହାଇସ୍କୁଲଗୁଡ଼ିକ ରୂପାନ୍ତରିତ କରାଯାଉଛି । ଏହା ମାଧ୍ୟମରେ ସରକାରୀ ବାବୁମାନେ ଫାଇଦା ନେଉଛନ୍ତି। କିନ୍ତୁ ଜିଲାରେ ଶିକ୍ଷକ ଅଭାବ, ହାଇସ୍କୁଲ ନ ଥିବାରୁ ଛାତ୍ରୀଛାତ୍ରମାନେ ଗୁଣାତ୍ମକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଅନେକ ଗରିବ ଶ୍ରେଣୀର ପିଲା ଅଧାରୁ ପାଠ ଛାଡ଼ି ଦାଦନ ଖଟିବାକୁ ଚାଲିଯାଉଛନ୍ତି। ଜିଲାରେ ମହିଳା ଶିକ୍ଷା ହାର ସବୁଠାରୁ ନିମ୍ନରେ ରହିଛି। ସରକାର ତଥା ଶିକ୍ଷା ବିଭାଗ ଶିକ୍ଷା ବିକାଶ ନାଁରେ ନବରଙ୍ଗପୁର ଜିଲାକୁ ନିମ୍ନଗାମୀ କରି ଦେଉଛନ୍ତି । ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି କରାଗଲେ ଶିକ୍ଷକ ଅଭାବ ଓ ନକଲି ସାର୍ଟିଫିକେଟ ସଂଖ୍ୟା କମିବ।

**-ମୁନା ତ୍ରିପାଠୀ, ଜିଲା କଂଗ୍ରେସ କମିଟି ଅଧ୍ୟକ୍ଷ**



"ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଅନୁଦାନ ଯୋଗାଉଥିବା ସତ୍ତ୍ୱେ ଜିଲାରେ ୧୦ ପଞ୍ଚାୟତରେ ହାଇସ୍କୁଲ ନ ଥିବା ବିଡ଼ମ୍ବନାର ବିଷୟ। ଏଥିପାଇଁ ରାଜ୍ୟ ସରକାର ଓ ପ୍ରଶାସନ ଦାୟୀ। ପୁରୁଣା ସ୍କୁଲକୁ ନୂଆ ରୂପ ଦେଉଛନ୍ତି ଅଥଚ ସବୁ ପଞ୍ଚାୟତରେ ହାଇସ୍କୁଲ ଖୋଲିପାରୁନାହାନ୍ତି । ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରତି ସରକାର ଖେଳୁଛନ୍ତି।

**-ବଳଭଦ୍ର ମାଝି, ପୂର୍ବତନ ଏମ୍‌ପି ତଥା ଭାଜପା ରାଜ୍ୟ ଉପସଭାପତି**

## ବିଷପିଇ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ପାପଡାହାଣ୍ଡି/ ମଇଦଲପୁର, ୨୬।୮ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ପାପଡାହାଣ୍ଡି ବ୍ଲକ ମଇଦଲପୁର ଥାନା ସେମଲା ପଞ୍ଚାୟତ ଦିଶାରୀଗୁଡା ଗାଁରେ ବିଷପାନ କରି ଗୁରୁତର ଥିବା ପୁରନ ଭତରାଙ୍କ ଚିକିତ୍ସାଧିନ ଅବସ୍ଥାରେ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି । ଏ ନେଇ ଶନିବାର ମଇଦଲପୁର ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଗତ ୨୪ ତାରିଖ ସକାଳ ପ୍ରାୟ ୧୧ଟାରେ ପୁରନ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପୁରନ ବିଷପିଇ ଛଟପଟ ହେଉଥିବା ଦେଖି ତାଙ୍କ ପିଉସୀ ପୁଅ ଭାଇ ଉଗ୍ରସେନ ଭତରା ତୁରନ୍ତ ଏକ ଅଟୋ ଯୋଗେ ପ୍ରଥମେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ୨୫ ତାରିଖରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ୨୫ ତାରିଖ ରାତିରେ ସମୟରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ଉଗ୍ରେସନ ମଇଦଲପୁର ଥାନାରେ ଲିଖିତ ଆକାରରେ ଜଣାଇଥିଲେ। କେଉଁ କାରଣରୁ ପୁରନ ବିଷପିଇ ଥିଲେ, ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ତଦନ୍ତ ପରେ ଜଣାପଡିବ ବୋଲି ଥାନା ଅଧିକାରୀ ନଟବର ନନ୍ଦ କହିଛନ୍ତି।

## ଜିଲାସ୍ତରୀୟ ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର

ଝରିଗାଁ,୨୬।୮ (କିଶୋର ଚନ୍ଦ୍ର ମଣ୍ଡଳ)

ଝରିଗାଁ ବ୍ଲକ ରତାଖଣ୍ଡିଗୁଡା ଛୋଟାଗୁଡା ଗ୍ରାମରେ ଜିଲାସ୍ତରୀୟ ମେଗା ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଓ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ୨ଶହରୁ ଅଧିକ ଗାଈଙ୍କ ବନ୍ଧ୍ୟାଜନିତ ରୋଗର ନିରୂପଣ କରାଯିବା ସହ ମାଗଣାରେ ଔଷଧ ଓ ଇଞ୍ଜେକସନ ଦିଆଯାଇଥିଲା । ମହିଳା ଓ ପୁରୁଷ ଚାଷୀମାନେ ସେମାନଙ୍କ ଗାଈକୁ ଆଣି ଚିକିତ୍ସା ପାଇଁ ଲମ୍ବା ଧାଡ଼ିରେ ରହି ନିଜ ନାମ ପଞ୍ଜିକୃତ କରିଥିଲେ। ଜିଲାର ବିଭିନ୍ନ ବ୍ଲକରୁ ପ୍ରାଣୀ ଚିକିତ୍ସକ ଓ ପ୍ରାଣୀଧନ ନିରୀକ୍ଷକମାନେ ଶିବିରରେ ଯୋଗଦେଇ ଗାଈଙ୍କ ଚିକିତ୍ସା କରିଥିଲେ। ଏହି ଅବସରରେ ଏକ ଚାଷୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ରାଧେଶ୍ୟାମ ଲାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଏଡିଭିଓ ଦିଲ୍ଲୀପ କୁମାର କବିରାଜ,ଏଡିଭିଓ ପ୍ରଶାନ୍ତ କୁମାର ସାମଲ, ଝରିଗାଁ ବିଭିଓ ଡାକ୍ତର ବିଶ୍ୱଜିତ ସ୍ୱାଇଁ, ଉମରକୋଟ ବିଭିଓ ଡାକ୍ତର ପ୍ରକାଶ ମହାନ୍ତି, କୋଷାଗୁମୁଡା ବିଭିଓ ଡାକ୍ତର ରଶ୍ମିତା ମାଳି ପ୍ରମୁଖ ଅତିଥି ଭାବେ ରହିଥିଲେ।



ଗୋବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିରରେ ସିଡିଭିଓଙ୍କ ସହ ମଞ୍ଚାସୀନ ଅତିଥି।

ଚାଷୀଙ୍କୁ ଗୋପାଳନର ବିଭିନ୍ନ ଦିଗ ଉପରେ ସଚେତନ କରାଯିବା ସହ ଗୋପାଳନ କରି ନିଜର ଆର୍ଥିକ ଓ ସାମାଜିକ ବିକାଶ କିପରି ହୋଇପାରିବ ସେଥିପ୍ରତି ସିଡିଭିଓ ଡାକ୍ତର ରାଧେଶ୍ୟାମ ଲାଏକ ଗୁରୁତ୍ୱାରୋପ କରିଥିଲେ । ସରକାରଙ୍କ ପକ୍ଷରୁ ଗୋପାଳନ ପାଇଁ ମହିଳାଙ୍କୁ ବିଶେଷ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି । ସେମାନେ ଏହାର ସୁଯୋଗ ନେବାକୁ କହିଥିଲେ। ଶିବିରରେ ଝରିଗାଁ ଭିଏସ ଡାକ୍ତର ସାରଦା ନାୟକ, ଧୋଡ୍ରା ଭିଏସ ଶଙ୍କର୍ଷଣ ପାଣିଗ୍ରାହୀ, ଚନ୍ଦାହାଣ୍ଡି ଭିଏସ ଅରୂପ ରଞ୍ଜନ ମହାନ୍ତିଙ୍କ ସହ ସମସ୍ତ ବ୍ଲକ ପ୍ରାଣୀ ଚିକିତ୍ସକ ପ୍ରମୁଖ ଉପସ୍ଥିତ ଥିଲେ।

## ଜଙ୍ଗଲରୁ ନବଜାତ ମୃତ ଶିଶୁ ଉଦ୍ଧାର

ରାଇଘର,୨୬।୮ (କିରଣ ପଟ୍ଟନାୟକ)

ରାଇଘର ଥାନା ଅଧୀନ ଗଞ୍ଜାପାରା ପଞ୍ଚାୟତର ହାତୀବେନା ଜଙ୍ଗଲ ମଧ୍ୟରୁ ଶନିବାର ଏକ ନବଜାତ ଶିଶୁ ଉଦ୍ଧାର ହୋଇଛି। ଏସମ୍ପର୍କରେ ସୂଚନା ପାଇ ରାଇଘର ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଜଙ୍ଗଲରେ ମୃତ ଅବସ୍ଥାରେ ଛଡାଯାଇଥିବା ନବଜାତ ଶିଶୁକୁ ଉଦ୍ଧାର କରି ଆଣିଥିଲେ। ପ୍ରସବ ପରେ କେହି ଜଣେ କଳଙ୍କ ଲୁଚାଇବାକୁ ନିଷ୍ପାପ ଏହି ନବଜାତକୁ ଜଙ୍ଗଲରେ ପକାଇ ଚାଲିଯାଇଛି। ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ମୃତ ଶିଶୁଟିକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲା।

## ଉତ୍କଳ ଆଲୁମିନା ପକ୍ଷରୁ ୬୦ରୋଡ ବ୍ୟାରିୟର ପ୍ରଦାନ



ବ୍ୟାରିୟର ହସ୍ତାନ୍ତର ସମୟରେ ଉପସ୍ଥିତ କମ୍ପାନୀ କର୍ତ୍ତୃପକ୍ଷ ଏବଂ ପୋଲିସ ଅଧିକାରୀ।

ଟିକିରି, ୨୬।୮ (ପ୍ରଫୁଲ୍ଲ କୁମାର ବେହେରା)

ଆଦିତ୍ୟ ବିର୍ଲା ଗ୍ରୁପ୍ ହିଣ୍ଡାଲ୍କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ସହଯୋଗୀ କମ୍ପାନୀ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ଗତ ୨୨ ତାରିଖରେ ରାୟଗଡା ଜିଲା ପୋଲିସ ପ୍ରଶାସନକୁ ୬୦ଟି ସଡକ ସୁରକ୍ଷା ବ୍ୟାରିୟର ହସ୍ତାନ୍ତର କରିଛି। ଏହି ବ୍ୟାରିୟରଗୁଡିକ ଯାନବାହନ ବେଗ ହ୍ରାସ କରିବା ସହିତ ଅପ୍ରତ୍ୟାଶିତ ଦୁର୍ଘଟଣା ଏବଂ ସଡ଼କ ପାର୍ଶ୍ୱ ବିପଦକୁ ହ୍ରାସ କରିପାରିବ। ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ଉତ୍କଳ ଆଲୁମିନା ୟୁନିଟ ହେଡ ମଜହର ବେଗ, ଉତ୍କଳ ଆଲୁମିନା ୟୁନିଟ ଏଚଆର ହେଡ ବିଜୟ କୁମୁରା, ଦୋରାଗୁଡ଼ା ଆଇଆଇସି କିରଣବାଳା ସାମଲ, ଦୋରାଗୁଡା ଏବଂ ଟିକିରି ଥାନା ଅଧୁକାରୀ ଏବଂ ଉତ୍କଳ ଆଲୁମିନାର କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏହି ବ୍ୟାରିୟର ପୋଲିସ ପ୍ରଶାସନକୁ ପ୍ରଦାନ କରାଯାଇଥିଲା ।

## ଖେଲ ଇଣ୍ଡିଆ ଓମେନ୍ସ ଲିଗରେ ଜିତିଲେ ସ୍ୱର୍ଣ୍ଣ ସମେତ ୨୦ ପଦକ

ନବରଙ୍ଗପୁର,୨୬।୮ (ସଦାଶିବ ପ୍ରହରାଜ)

ଖେଲ ଇଣ୍ଡିଆ ଓମେନ୍ସ ଲିଗରେ ୨୦୨୩ ଭାରତୀୟ ସ୍ପୋର୍ଟସ ଅଥରିଟି-୨୦୨୩ ପକ୍ଷରୁ ଝାରସୁଗୁଡ଼ାର ଓଏସ୍‌ଏପି ସେକେଣ୍ଡ ବାଟାଲିୟନଠାରେ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ଟି ଜିଲାରୁ ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ନବରଙ୍ଗପୁରର ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ହଷ୍ଟେଲରୁ ଖେଳାଳି ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ସାମିଲହୋଇଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ବାସନ୍ତୀ ୩ଟି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଚମ୍ପା, ଅର୍ଚ୍ଚନା, କାଞ୍ଚନ, ବାସୁଦେବୀ, ମୋନାଲିସା, ଆଦ୍ୟାଶା, ଶୁଭଶ୍ରୀ ଓ ପିଙ୍କି ନବରଙ୍ଗପୁର ଜିଲା ପାଇଁ ରୌପ୍ୟ ପଦକ ଏବଂ ମେନକା, ଚମ୍ପା, ସନ୍ଧ୍ୟା ଡିମ୍ପଲ କାଂସ୍ୟ ପଦକ ଜିତି ଜିଲାକୁ ଗୌରବାନ୍ୱିତ କରିଛନ୍ତି। ଝାରସୁଗୁଡ଼ାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟିକା ସୁଶ୍ରୀ ଦିପାଳୀ ଦାସ, ସମ୍ମାନିତ ଅତିଥି ଓଏସଏପି-୨ ବାଟାଲିୟନ କମାଣ୍ଡାଣ୍ଟ ଆଶିଷ ଦୁବେ,




**ନବରଙ୍ଗପୁର ଜିଲାର ପେନଚାକ ସିଲାଟ ମହିଳା ଖେଳାଳି ଜିଲାକୁ ଆଣିଲେ ଗର୍ବ**

ଡେପୁଟି କମାଣ୍ଡାଣ୍ଟ ଭବାନୀ ସେଠ, ଡେପୁଟି କମାଣ୍ଡାଣ୍ଟ ଶିବ ନାରାୟଣ ନାୟକ, କାର୍ଯ୍ୟକ୍ରମ ପ୍ରବନ୍ଧକ ଅଧ୍ୟକ୍ଷ ତାପସ ରାୟ ଚୌଧୁରୀ, ସଙ୍ଗଠନ ସମ୍ପାଦକ ଗୁରୁ ପି.ଏସ. ଥାପ୍ପା ଓ ନବରଙ୍ଗପୁରର ପ୍ରଶିକ୍ଷକ ହରିଶ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ନବରଙ୍ଗପୁର ପେନଚାକ ସିଲାଟ ଆସୋସିଏଶନ ଦ୍ୱାରା ଭିନ୍ନ ଭିନ୍ନ ଅନୁଷ୍ଠାନ, ସ୍କୁଲ, କଲେଜ, ହଷ୍ଟେଲ, ୟୁନିଭରସିଟିରେ ଏନେଇ ପ୍ରଶିକ୍ଷଣ ପ୍ରଦାନ କରାଯାଉଥିଲା ।

## ବଜ୍ରପାତରେ ଦଶମ ଶ୍ରେଣୀ ଛାତ୍ରୀ ଗୁରୁତର

ତେନ୍ତୁଳିଖୁଣ୍ଟି, ୨୬।୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତର ବଙ୍ଗଳାଗୁଡା ଗ୍ରାମର ବିଭୀସେଣ ଗୌଡ଼ଙ୍କ ସାନଝିଅ କବିତା ଗୌଡ଼(୧୬) ଶନିବାର ବଜ୍ରପାତରେ ଗୁରୁତର ହୋଇଛନ୍ତି। ଦଶମ ଶ୍ରେଣୀରେ ପଢୁଥିବା କବିତା ସ୍କୁଲରୁ ଘରକୁ ଫେରିବା ପରେ ବେଡା ପଦରସ୍ଥିତ ନିଜ ଜମିରେ କାମ କରୁଥିବା ମା' ଓ ବଡ଼ ଭଉଣୀଙ୍କୁ ଘରକୁ ଫେରି ଆସିବା ଲାଗି ଡାକିବାକୁ ଅପରାହ୍ନ ସାଢେ ୩ଟାରେ ଯାଇଥିଲେ। ସେଠାରେ କବିତା ବିଲ ହିଡା ଉପରେ ଛିଡା ହୋଇଥିବା ବେଳେ ହଠାତ୍ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ସେଠାରୁ ତାଙ୍କୁ ପରିବାର ଲୋକେ ଘରକୁ ଆଣି ନିକଟସ୍ଥ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ଡାକ୍ତର କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରିଥିଲେ।

## ସେବା ପାଇବାକୁ ଯାଇ ଗ୍ରାହକ ହନ୍ତସନ୍ତ

ମୁନିଗୁଡ଼ା, ୨୬।୮ (ରାଧେଶ୍ୟାମ ଅଗ୍ରୱାଲ)

**ଭାରତୀୟ ଷ୍ଟେଟ ବ୍ୟାଙ୍କ ଉପରୁ ଆସ୍ଥା ତୁଟୁଛି**

ରାୟଗଡ଼ା ଜିଲା ମୁନିଗୁଡ଼ାରେ ୩୫ ବର୍ଷ ତଳେ ଏକମାତ୍ର ବ୍ୟାଙ୍କ ଭାବେ ଷ୍ଟେଟ ବ୍ୟାଙ୍କ ଖୋଲିଥିଲା। ତେବେ ଗତ ୨/୩ ବର୍ଷ ମଧ୍ୟରେ ଆଇସିଆଇ,ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ,ଆକ୍ସିସ୍ ବ୍ୟାଙ୍କମାନ ଖୋଲି ସେମାନଙ୍କ କାରବାର କରୁଛନ୍ତି। ଷ୍ଟେଟ ବ୍ୟାଙ୍କକୁ ଗୁରୁବାର ପ୍ରେସ୍ କ୍ଲବ ସଭାପତି ରାଜୀବ ଲୋଚନ ଦାସଙ୍କ ନେତୃତ୍ୱରେ ଉପସଭାପତି ମନୋରଞ୍ଜନ ଦଳେଇ, ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, କ୍ଷମା ସାଗର ଦାସ,ଧନୁ କୁଣ୍ଡୁଲିଆ,ବଣିକ ସଂଘ ସଭାପତି ଚିନ୍ତାମଣି ସାହୁ ପ୍ରମୁଖ ଏକ ଟିମ୍ ଯାଇ ଗ୍ରାହକମାନଙ୍କ ବିଭିନ୍ନ ଅଭିଯୋଗ ଉପରେ ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଏହି ସମୟରେ ଋଣ ପାଇଁ ବ୍ୟବସାୟୀମାନେ ବ୍ୟାଙ୍କକୁ ବାରମ୍ବାର ଦୌଡ଼ି ନିରାଶ ହେଉଥିବା ବଣିକ ସଂଘ ସଭାପତି ସାହୁ ଅଭିଯୋଗ କରିଥିଲେ। ୧୦/୧୨ ଜଣ ବ୍ୟବସାୟୀ କ୍ୟାଶ୍ କ୍ରେଡିଟ ଲୋନ୍ ପାଇଁ ଆବେଦନ କରିଥିଲେ ମଧ୍ୟ ଅଡିଟ୍ ଚାଲିଛି କହି ବ୍ୟାଙ୍କ କ୍ଷେତ୍ର ପରିଚାଳକ ଅରବିନ୍ଦ ପରିକ୍ଷିତ ବ୍ୟବସାୟୀଙ୍କୁ କହୁଥିବା ସାହୁ ଜଣାଇଥିଲେ। ସେହିପରି କାଉଣ୍ଟରରେ ଟଙ୍କା ବାନ୍ଧିବା ଏବଂ ଉଠାଇବା ଲାଗି ଲୋକମାନେ ଘଣ୍ଟା ଧରି ଅପେକ୍ଷା କରୁଥିବା ଏବଂ ବ୍ୟାଙ୍କର ଜଣେ ମହିଳା କର୍ମଚାରୀ ନିଜ କର୍ତ୍ତବ୍ୟ ଠିକ୍ ରୂପେ ନ କରି ଅଯଥାରେ ଲୋକଙ୍କୁ ଦୀର୍ଘ ସମୟ ଧରି ଅଟକାଇ ରଖୁଥିବା ସାହୁ ଆଲୋଚନା ବେଳେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଷ୍ଟେଟ୍ ବ୍ୟାଙ୍କର ଏପରି ନୀତି ଯୋଗୁ ଗ୍ରାହକ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏ ସମ୍ପର୍କରେ ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା କହନ୍ତି, କେନ୍ଦ୍ର ସରକାର ବ୍ୟାଙ୍କଗୁଡିକ ବିଭିନ୍ନ ଯୋଜନାରେ ଋଣ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ମୁନିଗୁଡ଼ା ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ତାହା ପାଳନ କରୁନାହିଁ। ନାମକୁ ମାତ୍ର କେତୋଟି ଏସ୍‌ଏଚ୍‌ଜିଙ୍କୁ ଋଣ ଦେଇ ଚୁପ୍ ବସିଛି। ଅବସ୍ଥାରେ ସୁଧାର ନ ଆସିଲେ ଜନସାଧାରଣଙ୍କୁ ନେଇ ବ୍ୟାଙ୍କ ସମ୍ମୁଖରେ ଧର୍ମଘଟ କରାଯିବ ବୋଲି ବଣିକ ସଂଘ ସଭାପତି ସାହୁ କହିଥିଲେ। ଏ ସମ୍ପର୍କରେ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କାହ୍ନୁ ଚରଣ ସାହୁଙ୍କୁ ପଚାରିବାରୁ ସେ କହିଲେ, ବ୍ୟାଙ୍କର ସମସ୍ତ ସେବା ସୁବିଧା ଯୋଗାଇଦେବାକୁ ଚେଷ୍ଟା କରିବେ। ମୁନିଗୁଡ଼ାବାସୀଙ୍କ ଆଶାକୁ ସାକାର କରିବା ଦିଗରେ ସେ ଯତ୍ନବାନ ହେବେ ବୋଲି କହିଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଲାଗୁଛି ମେଶିନ, ଶ୍ରମିକ ବେକାର

ତେନ୍ତୁଳିଖୁଣ୍ଟି,୨୬।୮ (ଚିଦାନନ୍ଦ ସାହୁ)

- ବିଭିନ୍ନ ପ୍ରକଳ୍ପରେ ହେଉଛି ବହୁ ଅନିୟମିତତା
- ସାମାଜିକ ସମୀକ୍ଷା ପରେ ହେଉନି କାର୍ଯ୍ୟାନୁଷ୍ଠାନ
- ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ହେବ ତଦନ୍ତ: ବିଡିଓ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ବାଟବଣା ହୋଇଛି। ଯେହେତୁ କୃଷି କ୍ଷେତ୍ରରେ ଶ୍ରମିକଙ୍କ ପାଇଁ ଅନେକ କାର୍ଯ୍ୟ ରହିଛି ସେଥିପାଇଁ ଏହି ଯୋଜନାରେ ଅଧିକ ଭାଗ କୃଷି ସମ୍ପର୍କିତ ପ୍ରକଳ୍ପ ଯଥା ଫାର୍ମ ପଣ୍ଡ, ପୋଖରୀ, ଜମି ମରାମତି, ଚେକ୍‌ଡ୍ୟାମ୍ କମ୍ପୋଷ୍ଟ ପିଟ୍, ଗୁହାଳ ଆଦି ପ୍ରକଳ୍ପ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରିବା ଲାଗି ନିର୍ଦ୍ଦେଶ ରହିଥିବା ବେଳେ ତେନ୍ତୁଳିଖୁଣ୍ଟି ବ୍ଲକରେ କୃଷିକ୍ଷେତ୍ର ପ୍ରତି ପ୍ରାଥମିକତା ନ ଦେଇ ଗ୍ରାମୀଣ ସଂଯୋଗୀକରଣରେ ଅଧିକ ପ୍ରକଳ୍ପ ରଖାଯାଉଥିବା ଅଭିଯୋଗ ହେଉଛି। ବିଦ୍ୟାଳୟ ଏବଂ ଗ୍ରାମାଞ୍ଚଳରେ ଖେଳପଡ଼ିଆ ବିକଶିତ କରିବା ଲାଗି ପ୍ରକଳ୍ପ ରଖିବାକୁ ନିର୍ଦ୍ଦେଶ ଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ବ୍ଲକରେ ବର୍ତ୍ତମାନ ପର୍ଯ୍ୟନ୍ତ ଯେତୋଟି ଉଚ୍ଚ ବିଦ୍ୟାଳୟ ୫-ଟି ବିଦ୍ୟାଳୟରେ ରୂପାନ୍ତର କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ସବୁ ବିଦ୍ୟାଳୟର ଖେଳ ପଡ଼ିଆ ବିକାଶ ଓ ପାଚେରି ନିର୍ମାଣ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କରାଯାଇଛି। ତେବେ ଏଥିରେ ଶ୍ରମିକଙ୍କୁ ନିୟୋଜିତ କରିବା ନେଇ ରହିଥିବା ଗାଇଡ୍‌ଲାଇନକୁ ଉପେକ୍ଷା କରାଯାଇଥିବା ଦେଖିବାକୁ ମିଳିଛି। ମେଶିନ ବ୍ୟବହାର କରାଯାଇ କାର୍ଯ୍ୟ କରାଯାଇଛି। ଏନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ସେ ନ ଜାଣିବା ପରି ରହୁଥିବା ଅଭିଯୋଗ ହେଉଛି। ସେହିପରି ଆଜାଦୀ କୀ ଅମୃତ ମହୋତ୍ସବ ପାଳନ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଅମୃତ ସରୋବର ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଆବଣ୍ଟିତ ହୋଇଥିବା ଅର୍ଥରେ ଯେତୋଟି ଅମୃତ ସରୋବର ପ୍ରକଳ୍ପ ବ୍ଲକରେ ଚାଲିଛି ସବୁ ମେଶିନ ବ୍ୟବହାର ହୋଇ କାର୍ଯ୍ୟ ହୋଇଥିବା ଜଣାପଡିଛି। ସବୁ କ୍ଷେତ୍ରରେ ବ୍ଲକ ପ୍ରଶାସନ ନୀରବ ରହୁଛି।




କେନ୍ଦ୍ର ସରକାର ଗ୍ରାମପଞ୍ଚାୟତର ଆୟ ବୃଦ୍ଧି ପାଇଁ ଗ୍ରାମୀଣ ପାର୍କ ନିର୍ମାଣ, କଲ୍ୟାଣ ମଣ୍ଡପ ଓ ବିପ୍ପଣୀ ଗୃହ ନିର୍ମାଣ ପାଇଁ ଅର୍ଥ ଦେଇ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏହା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ତେନ୍ତୁଳିଖୁଣ୍ଟି ବ୍ଲକରେ ଏ ପର୍ଯ୍ୟନ୍ତ ଗୋଟିଏ ମଧ୍ୟ ଗ୍ରାମୀଣ ପାର୍କ କି କଲ୍ୟାଣ ମଣ୍ଡପ ବ୍ୟବହାର ଉପଯୋଗୀ ହୋଇନାହିଁ। ପଞ୍ଚାୟତଗୁଡିକରେ ୭ଟି କିସମର ବହୁ ସରକାରୀ ଜମି ରହିଥିବା ବେଳେ ଗ୍ରାମୀଣ ପାର୍କ ପାଇଁ ସ୍ଥାନ ଚିହ୍ନଟ ମଧ୍ୟ ଠିକ୍ ରୂପେ ପ୍ରଶାସନ କରିନାହିଁ। ଅନ୍ୟ ବିଭାଗର ଜମି ଅଥବା ଗୋଚର କିମ୍ବା ଜଙ୍ଗଲ କିସମ ସ୍ଥାନରେ ରାଜସ୍ୱ ନିରୀକ୍ଷକଙ୍କ ବିନା ସ୍କେଚ୍ ମ୍ୟାପ୍‌ରେ ଏହା କରାଯାଉଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶହେ ଦିନ ମଜୁରି ନିଶ୍ଚିତ କରିବାରେ ମଧ୍ୟ ଅନିୟମିତତା ହେଉଛି। ୬୦ବର୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଶ୍ରମିକ ଭାବେ ବ୍ୟବହାର କରାଯିବା ନିୟମ ନ ଥିବା ବେଳେ ଏହି ବୟସର ବୃଦ୍ଧାବୃଦ୍ଧଙ୍କ ନାମରେ ଅର୍ଥ ଉଠୁଛି। ଏପରିକି ମୃତ ଶ୍ରମିକଙ୍କ ନାମରେ ମଧ୍ୟ ଅର୍ଥ ଉଠାଯାଉଛି। ସାମାଜିକ ସମୀକ୍ଷାରେ ଏସବୁ ସ୍ପଷ୍ଟ ହୋଇଥିଲେ ସୁଦ୍ଧା ଏ ଦିଗରେ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡିଛି। ଶ୍ରମିକମାନଙ୍କ ନାମରେ ୬ ଦିନିଆ, ୧୨ ଦିନିଆ ବିଲିଂ ହେଉଥିବା ଅଭିଯୋଗ ହେଉଛି। ଏପରିକି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ଶ୍ରମିକଙ୍କ ନାମରେ ଡିମଣ୍ଡ ମାରି ଫଲ୍‌ସ ବିଲ୍ କରାଯାଉଛି। ଜମି ମରାମତି ପ୍ରକଳ୍ପ ଗୁଡିକରେ ମଧ୍ୟ ସ୍ୱଚ୍ଛତା ରହୁନାହିଁ । କମ୍ପୋଷ୍ଟ ପିଟ୍ ଓ ଜମି ମରାମତି କିଛି ଜଣଙ୍କୁ ନେଇ ଗୋଟିଏ ଗୋଟିଏ ପ୍ରକଳ୍ପ ରଖାଯାଉଥିବା ବେଳେ ସମସ୍ତଙ୍କ ନାମ ପ୍ରକାଶିତ ହେଉ ନ ଥିବାରୁ ଗୋଟିଏ ଦୁଇଟି ଜମି ମାଲିକଙ୍କ ଜମି କାମ କରି ବଳକା ଫଲ୍‌ସ ବିଲ୍ ହେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କୌଣସି ପ୍ରକଳ୍ପରେ ମେଶିନ ବ୍ୟବହାର ଅଭିଯୋଗ ହେଲେ ତଦନ୍ତ କରିବା ବଦଳରେ ପ୍ରଶାସନ ଅଭିଯୋଗକାରୀଙ୍କ ନାମ ପ୍ରକାଶ କରି ଦେଉଛି। ଫଳରେ ସେ ଠିକାଦାରଙ୍କ ରୋଷର ଶିକାର ହେଉଥିବା ପରି ଘଟଣା ବ୍ଲକରେ ଦେଖିବାକୁ ମିଳୁଛି। ତେବେ ତେନ୍ତୁଳିଖୁଣ୍ଟି ବ୍ଲକର ବାର୍ଷିକ ସାମାଜିକ ସମୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ସାମାଜିକ ସମୀକ୍ଷା କେବଳ ପ୍ରହସନ ବୋଲି ସାଧାରଣରେ ଆଲୋଚନା ହେଉଛି। ଏ ସମ୍ପର୍କରେ ବିଡିଓ ମନୋଜ ପାଣିଗ୍ରାହୀଙ୍କୁ ପଚାରିବାରୁ ସେ କହିଲେ, ସାମାଜିକ ସମୀକ୍ଷା ପରେ କାର୍ଯ୍ୟାନୁଷ୍ଠାନ ପାଇଁ ଏପିଓ, ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ ରିପୋର୍ଟରୁ ଯଦି ତ୍ରୁଟି ବାହାରିବ କାର୍ଯ୍ୟାନୁଷ୍ଠାନ ନିଆଯିବ। ମେଶିନ ବ୍ୟବହାର କରି କାର୍ଯ୍ୟ କରିବା ସମ୍ପର୍କରେ ସେ କହିଲେ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ମେଶିନ ବ୍ୟବହାର କରିବାନେଇ ପ୍ରୋଭିଜନ ନାହିଁ, କିନ୍ତୁ ଏସ୍‌ଏଫ୍‌ସି କିମ୍ବା ସିଏଫ୍‌ସି ପାଣ୍ଠିରେ ହେଉଥିବା କାର୍ଯ୍ୟରେ ମେଶିନ ବ୍ୟବହାର ହୋଇପାରିବ। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମେଶିନ ବ୍ୟବହାର କରାଯାଇଥିବା ସମ୍ପର୍କରେ ଯଦି ନିର୍ଦ୍ଦିଷ୍ଟ ଅଭିଯୋଗ ଆସିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ପାଣିଗ୍ରାହୀ କହିଥିଲେ।

